# NATIONAL NEWS BULLETIN (ODIA)
## 25 April - 2024
## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ନିର୍ବାଚନ କମିଶନ ଆଦର୍ଶ ଆଚରଣବିଧି ଉଲ୍ଲଙ୍ଘନ ଅଭିଯୋଗକୁ ନେଇ ବିଜେପି ଏବଂ କଂଗ୍ରେସ ଦଳକୁ ଚିଠି ଲେଖିଛନ୍ତି ।
- ଉତ୍ତରପ୍ରଦେଶରେ ଦୁଇଟି ସ୍ଥାନରେ ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିର୍ବାଚନ ପ୍ରଚାର କରିଛନ୍ତି ।
- ଜମ୍ମୁ-କାଶ୍ମୀରର ଜମ୍ମୁ ସଂସଦୀୟ କ୍ଷେତ୍ର ପାଇଁ ଆସନ୍ତାକାଲି ମତଦାନ ହେବ ।
- ବିହାରର ପାଟନା ଜଙ୍କସନ ନିକଟସ୍ଥ ଏକ ହୋଟେଲରେ ଅଗ୍ନିକାଣ୍ଡ ଘଟି ୬ ଜଣଙ୍କ ମୃତ୍ୟୁ ହୋଇଛି ।

ଏବଂ

- ଆଇପିଏଲ୍ କ୍ରିକେଟରେ ଆଉ କିଛି ସମୟ ପରେ ସନରାଇଜର୍ସ ହାଇଦ୍ରାବାଦ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୁରୁ ମଧ୍ୟରେ ମୁକାବିଲା ହେବ ।

## ଇସିଆଇ-କମ୍ପ୍ଲାଣ୍ଟ

ନିର୍ବାଚନ କମିଶନ ବିଜେପି ଓ କଂଗ୍ରେସ ଦଳର ତାରକା ପ୍ରଚାରକଙ୍କ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗକୁ ଗୁରୁତର ସହ ନେଇଛନ୍ତି। ଚଳିତ ମାସ ୨୯ ତାରିଖ ପୂର୍ବାହ୍ନ ୧୧ଟା ସୁଦ୍ଧା ଏ ବିଷୟରେ ପକ୍ଷ ରଖିବାକୁ ନିର୍ବାଚନ କମିଶନ ବିଜେପି ଅଧ୍ୟକ୍ଷ ଜେ.ପି ନଡ୍ଡା ଏବଂ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେଙ୍କୁ ଚିଠି ଲେଖିଛନ୍ତି।

ଚିଠିରେ ନିର୍ବାଚନ କମିଶନ ସମସ୍ତ ତାରକା ପ୍ରଚାରକଙ୍କୁ ରାଜନୈତିକ ଆଲୋଚନାର ଉଚ୍ଚ ମାନଦଣ୍ଡ ନିର୍ଦ୍ଧାରଣ କରିବା ସହ ଆଦର୍ଶ ଆଚରଣବିଧି ବ୍ୟବସ୍ଥାକୁ ପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜସ୍ଥାନର ବାଂଶୱାରାରେ ଜଣେ ବିଜେପି ନେତା ଦେଇଥିବା ଭାଷଣ ଉପରେ କଂଗ୍ରେସ, ସିପିଆଇ ଓ ସିପିଆଇ(ଏମ୍) ଆପତ୍ତି ଉଠାଇଥିଲେ। ସେହିପରି କେରଳର କୋଟ୍ଟାୟମରେ ଜଣେ କଂଗ୍ରେସ ନେତାଙ୍କ ନିର୍ବାଚନୀ ଭାଷଣକୁ ନେଇ ବିଜେପି ପ୍ରଶ୍ନ ଉଠାଇବା ପରେ କମିଶନ ଏହି ପଦକ୍ଷେପ ନେଇଛନ୍ତି।

## ୟୁପି ପୋଲ ର୍ୟାଲି

ଉତ୍ତରପ୍ରଦେଶର ଆଗ୍ରା ଏବଂ ବରେଲି ଜିଲ୍ଲାରେ ଆଜି ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ  ନିର୍ବାଚନ ପ୍ରଚାର

କରିଛନ୍ତି। କଂଗ୍ରେସ ବାବା ସାହେବ ଭୀମରାଓ ଆମ୍ବେଦକର ଏବଂ ତାଙ୍କ ସାମାଜିକ ନ୍ୟାୟ ଧାରଣାକୁ ଅପମାନିତ କରୁଛି ବୋଲି ସେ ଅଭିଯୋଗ କରୁଛନ୍ତି। ଆଗ୍ରା ଜିଲ୍ଲାରେ ଏକ ନିର୍ବାଚନୀ ରାଲିକୁ ସମ୍ବୋଧିତ କରି ଶ୍ରୀ ମୋଦୀ କହିଛନ୍ତି, କଂଗ୍ରେସ ଏବଂ ସମାଜବାଦୀ ପାର୍ଟି ମଧ୍ୟରେ ହେଉଥିବା ମେଣ୍ଟ କେବଳ ତୁଷ୍ଟୀକରଣ ଉପରେ ପର୍ଯ୍ୟବେସିତ ଓ ଉଭୟ ଦଳ ଅନ୍ୟାନ୍ୟ ପଛୁଆବର୍ଗ (ଓବିସି)ଙ୍କ ପାଇଁ କିଛି କାର୍ଯ୍ୟ ନ କରି କେବଳ କଥାରେ କହୁଛନ୍ତି।

ଅପରାହ୍ନରେ ବରେଲି ଜିଲ୍ଲାର ଅଓଁଲା ଅଞ୍ଚଳରେ ଅନ୍ୟ ଏକ ରାଲିକୁ ସମ୍ବୋଧିତ କରି ଶ୍ରୀ ମୋଦି କହିଛନ୍ତି, କଂଗ୍ରେସ ଏବଂ ଏସ୍.ପି ମେଣ୍ଟ ସାଧାରଣ ଲୋକଙ୍କ ସମ୍ପତ୍ତି ଉପରେ ନଜର ରଖିଛନ୍ତି। ବିଜେପିର ବରିଷ୍ଠ ନେତା ତଥା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜି ଲକ୍ଷ୍ମୀପୁର ଖେରି ଏବଂ ଇଟାଓ୍ୱା ଜିଲ୍ଲାରେ ରାଲିକୁ ସମ୍ବୋଧିତ କରିଛନ୍ତି। ସେ କହିଛନ୍ତି, ଉତ୍ତରପ୍ରଦେଶରେ ପୂର୍ବରୁ ଶାସନ ସମୟରେ ଦୁର୍ନୀତି ମାମଲା ଥିଲା କିନ୍ତୁ ବର୍ତ୍ତମାନ କେହି ଯୋଗୀ ସରକାରଙ୍କ ଉପରେ ଆଙ୍ଗୁଳି ଉଠାଇପାରୁନାହାଁନ୍ତି। ସେ କହିଛନ୍ତି, ଏନ୍‌ଡି.ଏ ଶାସନ ସମୟରେ ଆମ ସୀମା ସୁରକ୍ଷିତ ରହିଛି ଏବଂ ସୀମାନ୍ତ ଅଞ୍ଚଳରେ ଅନେକ ବିକାଶମୂଳକ କାର୍ଯ୍ୟ ଜାରି ରହିଛି।

ଅନ୍ୟପକ୍ଷରେ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଆଜି କନୌଜ ଲୋକସଭା ଆସନ ପାଇଁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏକ

ସଭାକୁ ସମ୍ବୋଧିତ କରି ଅଖିଳେଶ ଯାଦବ ଦାବି କରିଛନ୍ତି, ଏଥର କନୌଜ ତାଙ୍କୁ ଐତିହାସିକ ଭୋଟ ସମର୍ଥନ ଦେଇ ରେକର୍ଡ ସୃଷ୍ଟି କରିବାକୁ ଯାଉଛି । ବି.ଏସ୍.ପି ସଂଯୋଜକ ଆକାଶ ଆନନ୍ଦ ମଧ୍ୟ ଆଜି ଆଜମଗଡ଼ ଏବଂ ବାରଣାସୀରେ ରାଜନୈତିକ ରାଲିକୁ ସମ୍ବୋଧିତ କରିଛନ୍ତି । ଲକ୍ଷ୍ନୌରେ କଂଗ୍ରେସ ପ୍ରଭାରୀ ଅବିନାଶ ପାଣ୍ଡେ ମଧ୍ୟ ଦଳୀୟ କର୍ମୀଙ୍କ ସହ ଏକ ବୈଠକ କରିଥିଲେ ।

## ତେଲଙ୍ଗାନା-ଶାହା

କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ଅମିତ ଶାହା ଆଜି ଅପରାହ୍ନରେ ମେଡକ ଲୋକସଭା ନିର୍ବାଚନ ମଣ୍ଡଳୀର ସିଦ୍ଧିପେଟଠାରେ ଏକ ନିର୍ବାଚନୀ ରାଲିକୁ ସମ୍ବୋଧିତ କରିଛନ୍ତି ।  ଏହି ଅବସରରେ ସେ କହିଛନ୍ତି, ତେଲଙ୍ଗାନାରେ ଶାସକ କଂଗ୍ରେସ ନେତାମାନେ ଦିଲ୍ଲୀରେ ଦଳୀୟ ନେତାଙ୍କ ପାଇଁ ରାଜ୍ୟକୁ ଏକ ଏ.ଟି.ଏମ୍‌ରେ ପରିଣତ କରିଛନ୍ତି ।  କଂଗ୍ରେସ ସରକାର' ବି.ଆର.ଏସ୍ ବିରୁଦ୍ଧରେ ଆସିଥିବା ଦୁର୍ନୀତି ଅଭିଯୋଗର ତଦନ୍ତ କରୁନଥିବାରୁ ଶ୍ରୀ ଶାହା ଚିନ୍ତା ପ୍ରକଟ କରିଛନ୍ତି । ତେଲଙ୍ଗାନାକୁ ଦୁର୍ନୀତିମୁକ୍ତ କରିବା ପାଇଁ ଶ୍ରୀ ମୋଦୀ କାର୍ଯ୍ୟ କରୁଥିବାବେଳେ ଉଭୟ କଂଗ୍ରେସ ଏବଂ ବିଆର୍‌ଏସ୍ ଏକାଠି ମିଶି ଦୁର୍ନୀତି କରୁଛନ୍ତି । ଶ୍ରୀ ଶାହା ଆହୁରି ମଧ୍ୟ କହିଛନ୍ତି, ତେଲଙ୍ଗାନାର ସାମଗ୍ରିକ ବିକାଶ କେବଳ ବିଜେପି ଶାସନରେ ହିଁ ସମ୍ଭବ ହୋଇପାରିବ ବୋଲି ସେ କହିଛନ୍ତି ।

## ବିଜେପି-କଂଗ୍ରେସ

କୌଣସି ଅଭିଯୋଗ ଆଣିବା ପୂର୍ବରୁ ତାଙ୍କର ଇସ୍ତାହାର ପଢ଼ିବାକୁ କଂଗ୍ରେସ ବିଜେପିକୁ ଆହ୍ୱାନ କରିଛି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଚିଠି ଲେଖି କହିଛନ୍ତି, କଂଗ୍ରେସର ଇସ୍ତାହାର ବିଷୟରେ ତାଙ୍କୁ ଭୁଲ ସୂଚନା ଦିଆଯାଇଛି। ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟ କରି ଶ୍ରୀ ଖଡଗେ ଅଭିଯୋଗ କରିଛନ୍ତି, ଲୋକସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ଖରାପ ପ୍ରଦର୍ଶନ ପାଇଁ ବିଜେପି ନେତାମାନେ ମିଛ କହିବା ଆରମ୍ଭ କରିଛନ୍ତି। କଂଗ୍ରେସର ଇସ୍ତାହାର ଗରିବଙ୍କ ପାଇଁ ଏବଂ ଏହାର ଉଦ୍ଦେଶ୍ୟ ହେଉଛି ସମସ୍ତ ଜାତି ଓ ସମ୍ପ୍ରଦାୟର ଯୁବକ, ମହିଳା, କୃଷକ, ଶ୍ରମିକ ଏବଂ ଅବହେଳିତ ଲୋକଙ୍କୁ ନ୍ୟାୟ ପ୍ରଦାନ କରିବା ବୋଲି ଶ୍ରୀ ଖଡ଼ଗେ କହିଛନ୍ତି।

## ଜେକେ ପୋଲ ପ୍ରିପେୟାରରେସନ

ଜମ୍ମୁ-କଶ୍ମୀରରେ ଆସନ୍ତାକାଲି ଜମ୍ମୁ ସଂସଦୀୟ କ୍ଷେତ୍ର ପାଇଁ ମତଦାନ ହେବ। ଜାମ୍ମୁ ସମ୍ବାଦଦାତାଙ୍କ ସୂଚନା ଅନୁସାରେ, ଜାମ୍ମୁ ଜିଲ୍ଲାପାଳ ଜିଲ୍ଲାରେ ନିଷେଧାଦେଶ ଜାରି କରିଥିବା ବେଳେ ରାଜୌରୀ ଏବଂ ପୁଞ୍ଚ ପ୍ରଶାସନ ଜିଲ୍ଲାରେ ମୋବାଇଲ୍ ଫୋନରେ ଭର୍ଚୁଆଲ ପ୍ରାଇଭେଟ୍ ନେଟୱାର୍କ ସେବା ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଶାସନ ପକ୍ଷରୁ ସମସ୍ତ ସମ୍ବେଦନଶୀଳ ଅଞ୍ଚଳରେ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀ ଏବଂ

ଜମ୍ମୁ-କଶ୍ମୀର ପୁଲିସ ମୁତୟନ ହୋଇଛନ୍ତି। ମତଦାନ ପୂର୍ବରୁ ମତଦାନ କେନ୍ଦ୍ରଗୁଡ଼ିକୁ ସାନିଟାଇଜ୍ କରାଯାଉଛି। ଜମ୍ମୁ ଆସନର ପ୍ରାୟ ୧ ହଜାର ୪୫୪ଟି ମତଦାନ କେନ୍ଦ୍ରରେ ଜିଲ୍ଲା ଓ ସି.ଇ.ଓ କାର୍ଯ୍ୟାଳୟରେ ସ୍ଥାପିତ ନିୟନ୍ତ୍ରଣ କକ୍ଷ ପର୍ଯ୍ୟନ୍ତ ଲାଇଭ୍ ୱେବକାଷ୍ଟିଂ ପାଇଁ ସିସିଟିଭି କ୍ୟାମେରାର ବ୍ୟବସ୍ଥା କରାଯାଇଛି। କ୍ୟାମେରାଗୁଡ଼ିକ ଏପରି ଭାବରେ ଖଞ୍ଜା ଯାଇଛି ଯେପରି ମତଦାତାମାନେ ଭୋଟ ଦେବାବେଳେ ସେମାନଙ୍କ ଗୋପନୀୟତା ଅକ୍ଷୁଣ୍ଣ ରହିବ। ପୋଲିଂ ଦଳ ଏବଂ ସେକ୍ଟର ଅଫିସରଙ୍କ ଗାଡ଼ି ଚାରିପାଖରେ ଜିପିଏସ୍ ସିଷ୍ଟମ ରହିବ ଯାହା ଦ୍ୱାରା ଗାଡିଗୁଡିକୁ ଠାବ କରାଯାଇପାରିବ ଏବଂ ସେମାନଙ୍କ ଗତିବିଧି ଉପରେ ନଜର ରଖାଯାଇପାରିବ। ୨୨ ଜଣ ପ୍ରାର୍ଥୀ ଏହି ନିର୍ବାଚନ ଲଢୁଛନ୍ତି। ୧୫୮ ଆନ୍ତର୍ଜାତିକ ସୀମା ଏବଂ ନିୟନ୍ତ୍ରଣ ରେଖା ଅଞ୍ଚଳ ସମେତ ୨ ହଜାର ୪୧୬ଟି ଭୋଟ୍ କେନ୍ଦ୍ରରେ ୧୭ ଲକ୍ଷ ୮୧ ହଜାର ଭୋଟର ନିଜର ମତ ସାବ୍ୟସ୍ତ କରିବେ।

## ତେଲଙ୍ଗାନା-ଇଲେକସନ୍

ତେଲେଙ୍ଗାନାରେ ଆସନ୍ତା ମଇ ମାସ ୨୭ ତାରିଖରେ ରାଜ୍ୟ ବିଧାନ ପରିଷଦର ଖମ୍ମାମ-ୱାରାଙ୍ଗଲ-ନାଲଗୋଣ୍ଡା ଗ୍ରାଜୁଏଟ୍ ନିର୍ବାଚନ ମଣ୍ଡଳୀ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହେବ। ମେ’ ୨ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇବ । ଆସନ୍ତା ମାସ ୯ ତାରିଖ ପର୍ଯ୍ୟନ୍ତ ନାମାଙ୍କନ ପତ୍ର ଗ୍ରହଣ କରାଯିବାର ଶେଷ ତାରିଖ ରହିଛି। ଗତବର୍ଷ ବିଧାନସଭାକୁ ନିର୍ବାଚିତ

ହେବା ପରେ ଏମ୍.ଏଲ୍.ସି ଡକ୍ଟର ପି. ରାଜେଶ୍ୱର ରେଡ୍ଡୀଙ୍କ ଇସ୍ତଫା ଯୋଗୁଁ ଏହି ଉପନିର୍ବାଚନ ଅନୁଷ୍ଠିତ ହେବ।

## ଏମ୍ଇଏ ରୁଷିଆ

ରୁଷ୍‌ରେ ଫଶି ରହିଥିବା ଭାରତୀୟମାନଙ୍କୁ ସ୍ୱଦେଶ ଫେରାଇ ଆଣିବା ପାଇଁ ରୁଷ୍ ବୈଦେଶିକ ମନ୍ତ୍ରଣାଳୟ, ପ୍ରତିରକ୍ଷା ମନ୍ତ୍ରଣାଳୟ ଏବଂ ସେଠାରେ ଥିବା ଅନ୍ୟାନ୍ୟ ସଂଗଠନ ସହ ଭାରତ ଆଲୋଚନା କରୁଛି। ଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ରୁଷ୍‌ରେ ଥିବା ଯେଉଁ ଭାରତୀୟମାନେ ଆମ ସହ ଯୋଗାଯୋଗ କରିଛନ୍ତି ଏବଂ ମୁକ୍ତ ହେବାକୁ ଚାହୁଁଛନ୍ତି ସେମାନଙ୍କୁ ଫେରାଇ ଆଣିବାକୁ ସରକାର ପ୍ରତିଶ୍ରୁତିବଦ୍ଧ। ସେ କହିଛନ୍ତି, ଏଭଳି ୧୦ ଜଣ ବ୍ୟକ୍ତି ଭାରତ ଫେରିଛନ୍ତି। ସେଠାରେ ଥିବା ଅନ୍ୟ ଭାରତୀୟମାନଙ୍କୁ ମଧ୍ୟ ଖୁବ୍‌ଶୀଘ୍ର ସ୍ୱଦେଶ ଫେରାଇ ଅଣାଯିବ ବୋଲି ରୁଷ୍ ଭାରତକୁ ପ୍ରତିଶ୍ରୁତି ଦେଇଥିବା ସେ କହିଛନ୍ତି।

ଆମେରିକାରେ ପାଲେଷ୍ଟାଇନ ସମର୍ଥନରେ ହୋଇଥିବା ବିକ୍ଷୋଭକୁ ନେଇ ସେ କହିଛନ୍ତି, ପ୍ରତ୍ୟେକ ଗଣତନ୍ତ୍ରରେ ବ୍ୟକ୍ତ କରିବାର ସ୍ୱାଧୀନତା, ଦାୟିତ୍ୱବୋଧ, ସୁରକ୍ଷା ଏବଂ ଶୃଙ୍ଖଳା ମଧ୍ୟରେ ସଠିକ୍ ସନ୍ତୁଳନ ରହିବା ଆବଶ୍ୟକ ।

ଶ୍ରୀ ଜୟସ୍ୱାଲ କହିଛନ୍ତି, ଇଟାଲୀରେ ଅନୁଷ୍ଠିତ ହେବାକୁ ଥିବା ଜି-୭ ବୈଠକ ପାଇଁ ଭାରତକୁ ଆମନ୍ତ୍ରଣ କରାଯାଇଛି। ଏହା ଉପରେ ସରକାର ବିଚାର କରୁଛନ୍ତି ବୋଲି ସେ କହିଛନ୍ତି।

## ହେଲ୍‌ଥ ସେକ୍ରେଟାରୀ- ନେଦରଲାଣ୍ଡସ

କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ଅପୂର୍ବ ଚନ୍ଦ୍ରା ଆଜି ନେଦରଲାଣ୍ଡର ୟୁଟ୍ରେକ୍ଟଠାରେ ଥିବା ବିଶ୍ୱସ୍ତରୀୟ ଔଷଧ କମ୍ପାନୀ ବିଲଥୋଭେନ ବାୟୋଲୋଜିକାଲ୍ସ ଉତ୍ପାଦନ କେନ୍ଦ୍ର ପରିଦର୍ଶନ କରିଛନ୍ତି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏକ ବିଜ୍ଞପ୍ତିରେ କହିଛି, ୟୁରୋପୀୟ ସଂଘର ମହାମାରୀ ପ୍ରସ୍ତୁତି ଭାଗିଦାରୀ ଏବଂ ଟିକା ଉତ୍ପାଦନରେ ସହଯୋଗ ଉପରେ ସେ ସିଇଓ ଜୁଏର୍ଗେନ କ୍ୱିକ୍ ଏବଂ ବିଲଥୋଭେନ୍ ସ୍ଥିତ ପୁନାଓ୍ୱାଲା ସାଇନ୍ସ ପାର୍କର ସିଇଓ ଜେଫ୍ ଡି କ୍ଲେର୍କଙ୍କ ସହ ଆଲୋଚନା କରିଛନ୍ତି।

ସୂଚନାଯୋଗ୍ୟ, ବାୟୋଇଞ୍ଜିନିୟରିଂ ଏବଂ ଟିକା ଉତ୍ପାଦନ କାରୀ ସଂସ୍ଥା ବିଲଥୋଭେନ୍ ବାୟୋଲୋଜିକାଲ୍ସକୁ ସେରମ୍ ଇଣ୍ଡିଆ ଲିମିଟେଡ୍ ୨୦୧୨ରେ କିଣିଥିଲା। ଏହା ଟିକା ଉତ୍ପାଦନ କ୍ଷମତାକୁ ସୁଦୃଢ଼ କରିବା ସହ ୟୁରୋପରେ ଏକ ଆବଶ୍ୟକୀୟ ଉତ୍ପାଦନ ଭିତ୍ତିଭୂମି ସୃଷ୍ଟି କରିଛି।

# ବିହାର- ଫାୟାର ଟ୍ରାଜେଡି

ବିହାରର ପାଟନା ଜଙ୍କସନ ନିକଟରେ ଥିବା ଏକ ହୋଟେଲରେ ଆଜି ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ୩ ଜଣ ମହିଳାଙ୍କ ସମେତ ୬ ଜଣଙ୍କ ମୃତ୍ୟୁ ହୋଇଛି। ଏଥିରେ ୧୫ ଜଣ ଆହତ ହୋଇଥିବା ନେଇ ପାଟନା ସିଟି ଏସ୍‌ପି ଚନ୍ଦ୍ର ପ୍ରକାଶ ସୂଚନା ଦେଇଛନ୍ତି। ଆହତମାନଙ୍କୁ ପାଟନା ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ହୋଟେଲରେ ରଖାଯାଇଥିବା ଏଲପିଜି ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏହି ଦୁର୍ଘଟଣାରେ ନିକଟସ୍ଥ କୋଠାଘର ଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛି। ଅଗ୍ନିଶମ ସେବା ମହାନିର୍ଦ୍ଦେଶକ ଶୋଭା ଓହାଟକର କହିଛନ୍ତି, ଫଶି ରହିଥିବା ୪୫ ଜଣଙ୍କୁ ଉଦ୍ଧାର କରାଯାଇଛି। ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ମୃତକ ଏବଂ ଆହତଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

# ଆଇପିଏଲ୍ କ୍ରିକେଟ

ଆଇପିଏଲ୍ କ୍ରିକେଟରେ ହାଇଦ୍ରାବାଦସ୍ଥିତ ରାଜୀବ ଗାନ୍ଧୀ ଆନ୍ତର୍ଜାତୀୟ ଷ୍ଟାଡିୟମ୍‌ରେ ଆଉ କିଛି ସମୟ ପରେ ସନ୍‌ରାଇଜର୍ସ ହାଇଦ୍ରାବାଦ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୁରୁ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ। ପଏଣ୍ଟ ଟେବୁଲ୍‌ରେ ହାଇଦ୍ରାବାଦ୍ ତୃତୀୟ ସ୍ଥାନରେ ରହିଥିବାବେଳେ ଦଶମ

ସ୍ଥାନରେ ବାଙ୍ଗାଲୁରୁ ରହିଛି।  ଦିଲ୍ଲୀ ସ୍ଥିତ ଅରୁଣ ଜେଟଲୀ ଷ୍ଟାଡିୟମ୍‌ରେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ' ଗୁଜୁରାଟ୍ ଟାଇଟନ୍ସକୁ ୪ ରନ୍‌ରେ ହରାଇଥିଲା।

## ଜେକେ-ଆରେଷ୍ଟ

ଜମ୍ମୁର ବସ୍‌ଷ୍ଟାଣ୍ଡ ଅଞ୍ଚଳରୁ ଲକ୍ଷାଧିକ ଟଙ୍କାର ମାଦକଦ୍ରବ୍ୟ ସହ ଦୁଇ ଜଣ ଦୁଇଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି। ରାତିରେ ପୁଲିସ ପାଟ୍ରୋଲିଂ କରୁଥିବାବେଳେ ଏହି ଅଭିଯୁକ୍ତମାନଙ୍କ ଠାରୁ ୧୬୯ ଗ୍ରାମ ନିଶାଦ୍ରବ୍ୟ ଜବତ ହୋଇଛି। ଏ ନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରୁଛି।